## କେନାଲରେ ବୁଡ଼ି ଯୁବକ ମୃତ

କଣ୍ଟାପଡା, (ଡି.ଏନ୍.ଏ.): ଗୋବିନ୍ଦପୁର ଥାନା ଅନ୍ତର୍ଗତ କନ୍ଦଳ ନଦୀ ବାମପାର୍ଶ୍ୱ କେନାଲରେ ମଙ୍ଗଳବାର ସନ୍ଧ୍ୟାରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଇଲୋ ବଡବିଲି ଗ୍ରାମର ସୁବାସ ଆଚାର୍ଯ୍ୟ(୩୫)। ସ୍ଥାନୀୟ ବଡବିଲ ହାଟରୁ ସୁବାସ କାମସାରି ସାଇକେଲରେ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ କେନାଲ ଭିତରକୁ ଖସିପଡିଥିଲେ। ସେଠାରେ ଉପସ୍ଥିତ ଥିବା ଯୁବକମାନେ ତାଙ୍କୁ ଉଦ୍ଧାର କରି ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ଯୁବତୀଙ୍କୁ ବଳାତ୍କାର: ଛାତ୍ର ଗିରଫ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ):** ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଛାତ୍ର ପପୁନ ସାମଲ(୨୬)ଙ୍କୁ ଗିରଫ କରିଛି। ତାଙ୍କ ଘର ଅନୁଗୋଳ ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ନିକଟ ଗଙ୍ଗପଡାରେ ରହି ଏକ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ପଢୁଥିଲେ। ଇନ୍‌ଫୋସିଟି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପପୁନ ପ୍ରେମଜାଲରେ ଫସାଇଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏହାପରେ ପପୁନ ନିଜର ଫୋନ୍ ନମ୍ବର ବଦଳାଇବା ସହ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ସମ୍ପୃକ୍ତା ଯୁବତୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୧/୨୦) ରୁଜୁ କରିଥିଲା।

## ବର୍ଦ୍ଧିତ ବିଦ୍ୟୁତ୍ ବିଲ୍‌କୁ ବିରୋଧ

**କଟକ ଅଫିସ,୧୦।୧୧:** ବିଦ୍ୟୁତ୍ ଦର ୟୁନିଟ୍ ପିଛା ୨୦ପଇସା ବୃଦ୍ଧି କରାଯାଇଛି। କରୋନା ସମୟରେ ଲୋକଙ୍କର ଆର୍ଥିକ ସ୍ଥିତି ଭୁଷୁଡି ପଡିଥିବାବେଳେ ଏ ପ୍ରକାର ନିଷ୍ପତ୍ତିକୁ କଟକ ଜିଲା ଆମ୍ ଆଦ୍‌ମୀ ପାର୍ଟି(ଆପ୍) ବିରୋଧ କରିଛି। ଏହି ଜନମାରଣ ନୀତି ବିରୋଧରେ ମଙ୍ଗଳବାର ଆପ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକସଦର ଉପଜିଲାପାଳଙ୍କ ମାଧ୍ୟମରେ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ଦ୍ଧିତ ନିର୍ଦ୍ଦେଶକୁ ଫେରାଇ ନେବାକୁ ଦଳ ତରଫରୁ ଅନୁରୋଧ କରାଯାଇଛି । ନଚେତ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ରାଷ୍ଟ୍ର ନିର୍ମାଣ ଅଭିଯାନ ଆପ୍ କଟକ ଜିଲା ଆବାହକ ୪୨ମୌଜାର ଡା. ଅଜୟ୍ କୁମାର ପତି ଓ ଅନ୍ୟ କର୍ମକର୍ତ୍ତାବୃନ୍ଦ ଚେତାବନୀ ଦେଇଛନ୍ତି।

## ଡ.ଫଣୀନ୍ଦ୍ର ଭୂଷଣ ନନ୍ଦ ପାଇଲେ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ):** ବିଶିଷ୍ଟ ସାହିତ୍ୟ ସାଧକ ତଥା ସଙ୍ଗଠକ ସ୍ୱର୍ଗତ ପ୍ରଫେସର ଡ.ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୫ତମ ଜୟନ୍ତୀ ଉତ୍ସବ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗବେଷକ ଡ.ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କୁ ୩ୟ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ପରିଷଦ ଅଧକ୍ଷ ଡ.ରମେଶ ପତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ବକ୍ତା ଭାବେ ପଣ୍ଡିତ ଅନ୍ତର୍ଯାମୀ ମିଶ୍ର, ରାମଚନ୍ଦ୍ର ମର୍ଦ୍ଦରାଜ ଓ ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବସନ୍ତ ପଣ୍ଡା ଯୋଗଦେଇ ଡ. ପ୍ରଧାନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରିଷଦ ସମ୍ପାଦକ ଡ.ସନ୍ତୋଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଉପାଧକ୍ଷ ଡ.ଅଭୟ ନାୟକ, କୋଷାଧକ୍ଷ ଇଂ. ପ୍ରଦୀପ ଦାସ, ଇଂ. ବିରଞ୍ଚି ନାରାୟଣ ପ୍ରଧାନ, ଇଂ.ସତ୍ୟଜିତ ନାୟକ, ଓମ୍ ପ୍ରକାଶ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ୩ ମୋବାଇଲ ଜବତ: ୨ ଗିରଫ

**ଭୁବନେଶ୍ୱର,୧୦।୧୧ (ବ୍ୟୁରୋ):** ମୋବାଇଲ ଚୋରି ଅଭିଯୋଗରେ ଖାରବେଳ ନଗର ଓ ଶହୀଦ ନଗର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟନଗର ଅଞ୍ଚଳରେ ରହୁଥିବା ଲଗନଜୀତ ଦାସଙ୍କର ୨ଟି ମୋବାଇଲ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା(ନଂ.୨୫୪/୨୦) ରୁଜୁ କରିଥିଲା। ପରେ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଶେଖ୍ ରାଜୁଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨ଟି ମୋବାଇଲ ଜବତ କରିଥିଲା। ସେହିପରି ଶହୀଦ ନଗର ଥାନା ଅଞ୍ଚଳରେ ରହୁଥିବା ଅନିଲ ଚୌଧୁରୀଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ମାମଲା(ନଂ. ୪୭୭/୨୦) ରୁଜୁ କରିବା ସହ ଅଭିଯୁକ୍ତ ରୁପେଶ ଚୌଧୁରୀଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଚୋରି ମୋବାଇଲ ଜବତ କରାଯାଇଛି।

# ରଘୁରାଜପୁରରେ ଡିଜାଇନ ଦେଖିଲା ଟିମ୍

**ଶ୍ରୀମନ୍ଦିର ୮ ଦ୍ୱାର ରୁପା ଛାଉଣି ପ୍ରସଙ୍ଗ**

■ଆସନ୍ତା ୧୯ ବୈଠକରେ ହେବ ଉପସ୍ଥାପନ

**ପୁରୀ ଅଫିସ, ୧୦।୧୧:** ଶ୍ରୀମନ୍ଦିରର ୮ ଦ୍ୱାର ରୁପା ଛାଉଣି ହେବ। ଜୟ ବିଜୟ, କଳାହାଟ, ବେହେରଣ, ସାତପାହାଚ, ପଶ୍ଚିମ ଭୋଗ ମଣ୍ଡପ, ନୃସିଂହ ମନ୍ଦିର, ମା' ବିମଳା ଏବଂ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭ ଦ୍ୱାରକୁ ରୁପା ଛାଉଣି କରାଯିବ। ସମସ୍ତ ଖର୍ଚ୍ଚ ଜଣେ ଦାତା ବହନ କରିବେ। ଏଥିପାଇଁ ଗଠିତ କମିଟିର ଦ୍ୱିତୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ସେଥିରେ ଆଲୋଚନା ଅନୁଯାୟୀ, ରୁପା ଛାଉଣି ଡିଜାଇନ ନିମନ୍ତେ ମଙ୍ଗଳବାର ୧୦ ଜଣିଆ ଟିମ୍ ଶିଳ୍ପୀ ଗ୍ରାମ ରଘୁରାଜପୁର ଯାଇ ବିଭିନ୍ନ ଚିତ୍ରକଳା ଦେଖିଛନ୍ତି। ବିଭିନ୍ନ ଦ୍ୱାର କବାଟରେ କେଉଁ ପ୍ରକାର ଡିଜାଇନ୍‌ର ରୁପା ଛାଉଣି କରାଯିବ ପରଖିବା ସହ କେତେକ ପଟଚିତ୍ର ସଂଗ୍ରହ କରିଛନ୍ତି। ଏହାପରେ ଟିମ୍ ସଦସ୍ୟ ଶ୍ରୀମନ୍ଦିର ଯାଇ ଦ୍ୱାରଗୁଡ଼ିକୁ ଦେଖିଛନ୍ତି। ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି କଳିଙ୍ଗ କଳା, ସ୍ଥାପତ୍ୟ ଆଧାରରେ ଡିଜାଇନ ଚୂଡ଼ାନ୍ତ କରାଯିବ ବୋଲି ସୂଚନା ମିଳିଛି।

କମିଟିର ଦ୍ୱିତୀୟ ବୈଠକରେ ରୁପା ଡିଜାଇନ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ତେଣୁ ମଙ୍ଗଳବାର ସ୍ୱତନ୍ତ୍ର ଟିମ୍‌ର ସଦସ୍ୟମାନେ ପଟଚିତ୍ରର ଅନ୍ତୁଡ଼ିଶାଳ କୁହାଯାଉଥିବା ରଘୁରାଜପୁର ଗ୍ରାମକୁ ଯାଇ ବିଭିନ୍ନ ଚିତ୍ରକଳା ଦେଖିବା ସହ କେତେକ ଡିଜାଇନ ସଂଗ୍ରହ କରିଛନ୍ତି। ସେମାନେ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ କଳିଙ୍ଗ କଳା ସ୍ଥାପତ୍ୟକୁ ବହନ କରୁଥିବା ଶତଦଳ ପଦ୍ମ, ଓଲଟା ପଦ୍ମ, ଫୁଟା ପଦ୍ମ, ଅବର୍ଣ୍ଣନୀୟ ପଦ୍ମ ଓ ସହସ୍ରଦଳ ପଦ୍ମର ଡିଜାଇନ ସଂଗ୍ରହ କରିଛନ୍ତି। ଆସନ୍ତା ୧୯ ତାରିଖରେ କମିଟିର ତୃତୀୟ ବୈଠକ ବସିବ। ଏଥିରେ ଏହି ଡିଜାଇନଗୁଡ଼ିକ ଉପସ୍ଥାପନ କରାଯିବା ପରେ ଯାହାକିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଏହି ଟିମ୍‌ରେ ଶ୍ରୀମନ୍ଦିର ପରିଚାଳନା କମିଟିର ୪ ସଦସ୍ୟ, ୨ ସେବାୟତ ଏବଂ ଦାତାଙ୍କ ପକ୍ଷରୁ ୪ଜଣ ପ୍ରତିନିଧି ସାମିଲ ଥିଲେ। ଉକ୍ତ ଟିମ୍ ଡିଜାଇନ ସଂଗ୍ରହ କରିଥିବାରୁ ପଟଚିତ୍ରଶିଳ୍ପୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।


ରଘୁରାଜପୁରଠାରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ରୁପା କବାଟ ପାଇଁ ଡିଜାଇନ୍ ଦେଖୁଛନ୍ତି।


ଭୁବନେଶ୍ୱର ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମନ୍ୱୟ କମିଟି ପକ୍ଷରୁ ପ୍ରସ୍ତୁତ ହୋଇଥିବା ମା' କାଳୀଙ୍କ ମୂର୍ତ୍ତି।

## '୨୦ ପର୍ଯ୍ୟନ୍ତ ଉଚ୍ଛେଦ ହେବ ନାହିଁ'

**ପୁରୁଣା ଭୁବନେଶ୍ୱର, ୧୦।୧୧(ଡି.ଏନ୍.ଏ.)**

ଏକାମ୍ର କ୍ଷେତ୍ରର ବିକାଶ ଜାରି ରହିଥିବା ବେଳେ ଶନିବାର ଶ୍ରୀଲିଙ୍ଗରାଜ ମନ୍ଦିର ପାପନାଶିନୀ କୁଣ୍ଡର ପୂର୍ବ ପାର୍ଶ୍ୱରେ ରହିଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଇଥିଲା। ସେଠାରେ ଥିବା ଏକ ଗୃହକୁ ଭାଙ୍ଗିବା ପୂର୍ବରୁ ଜନ୍ମେଜୟ କରଙ୍କ ପରିବାର ବିରୋଧ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଶାସନ ଥଇଥାନ ନ କରି ଏବଂ କ୍ଷତିପୂରଣ ନ ଦେଇ ଭାଙ୍ଗୁଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଜନ୍ମେଜୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ଏହି ମାମଲାର ଶୁଣାଣି ହୋଇଛି। ଜନ୍ମେଜୟ ଅଧିକାରରୁ ବଞ୍ଚିତ ହୋଇଥିବା ଅଦାଲତ ହୃଦୟଙ୍ଗମ କରିଥିଲେ। ଏକାମ୍ର କ୍ଷେତ୍ର ଆମେନିଟ୍ସ ଆଣ୍ଡ ମନୁମେଣ୍ଟମ ରିଭାଇଭାଲ ଆକ୍ସନ ପ୍ଲାନ ଅନ୍ତର୍ଗତ ନଭେମ୍ବର ୨୦ ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଉଚ୍ଛେଦ ହୋଇପାରିବ ନାହିଁ ବୋଲି ଆଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ଆଶ୍ୱସ୍ତି ପ୍ରଦାନ କରିଛି ବୋଲି ଜନ୍ମେଜୟ କହିଛନ୍ତି।

## ଆଇଆଇସିସ୍ତରରେ ଅଦଳବଦଳ

**କଟକ ଅଫିସ,୧୦।୧୧**

କଟକ ଜିଲାରେ ଆଇଆଇସିସ୍ତରରେ ମଙ୍ଗଳବାର ଅଦଳବଦଳ ହୋଇଛି। ସଲେପୁର ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଦେବେନ୍ଦ୍ର କୁମାର ମଲ୍ଲିକଙ୍କୁ ବାଙ୍କୀ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ବାଙ୍କୀ ଥାନା ଅଧିକାରୀ ସମୀର କୁମାର ପଣ୍ଡାଙ୍କୁ ଗୁରୁଡ଼ିଝାଟିଆ ଥାନା ଅଧିକାରୀ ଏବଂ ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କୁମାର ବିସିଙ୍କୁ ସାଲେପୁର ଥାନା ଅଧିକାରୀଭାବେ ବଦଳି କରାଯାଇଛି। ନରସିଂପୁର ଥାନାଧିକାରୀ ଲିଙ୍ଗରାଜ ଲେଙ୍କାଙ୍କୁ ଡାଇରେକ୍ଟର ଅଫ୍ ଇଣ୍ଟେଲିଜେନ୍ସ ବ୍ୟୁରୋ(ଡିଆଇବି) ଇନ୍ସପେକ୍ଟର ଏବଂ ଡିପିଓ ଦାୟୀତ୍ୱରେ ଥିବା ବିମଳ କୁମାର ବାରିକଙ୍କୁ ନରସିଂପୁର ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବା ଏସ୍‌ପି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବଦଳି ନିର୍ଦ୍ଦେଶ ପାଇଥିବା ଅଧିକାରୀମାନେ ତୁରନ୍ତ ନୂତନ ସ୍ଥାନରେ ଯୋଗ ଦେବାକୁ କୁହାଯାଇଛି।

## ବିବାହରେ ୧୦୦, ଅନ୍ତିମ ସଂସ୍କାରରେ ୫୦

**ବିଏମ୍‌ସିର ନୂଆ ଗାଇଡ୍‌ଲାଇନ**

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

ଶୀତଋତୁରେ କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବିବାହ କାର୍ଯ୍ୟକ୍ରମ ଓ ଅନ୍ତିମ ସଂସ୍କାର ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ବିବାହ କାର୍ଯ୍ୟକ୍ରମ ପାଇଁ ୧୦୦ ଓ ଅନ୍ତିମ ସଂସ୍କାର ପାଇଁ ୫୦ଜଣ ଲୋକଙ୍କୁ ଅନୁମତି ମିଳିବ। ଯେଉଁ କାର୍ଯ୍ୟକ୍ରମ କରିବେ ସେଥିପାଇଁ ନିକଟସ୍ଥ ଥାନା କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ଆବଶ୍ୟକ। ବିବାହରେ ବରଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବୟସ୍କ ବ୍ୟକ୍ତି, ଗର୍ଭବତୀ କିମ୍ବା ୧୦ବର୍ଷରୁ କମ୍ ପିଲା ସେହି କାର୍ଯ୍ୟକ୍ରମକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମ ସ୍ଥଳୀର ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂର ବ୍ୟବସ୍ଥା କରାଯିବା, ହଲ୍‌ରେ ସାମାଜିକ ଦୂରତା ବଜାୟ ରଖିବା, ସମସ୍ତଙ୍କ ପାଇଁ ମାସ୍କ ପିନ୍ଧିବା ଭଳି ଅନେକ ନିର୍ଦ୍ଦେଶ ରହିଛି। ଯଦି ଏହି ନିୟମର କେହି ଖିଲାପ କରନ୍ତି, ତେବେ ଆୟୋଜକ ଓ ମଣ୍ଡପ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ନିର୍ଦ୍ଦେଶନାମା ଆସନ୍ତା ୨୫ତାରିଖରୁ କାର୍ଯ୍ୟକାରୀ ହେବ। ପୋଲିସ ଏବଂ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏ ଦିଗରେ କଡ଼ା ନଜର ରଖିବା ପାଇଁ କୁହାଯାଇଛି।

## ନାବାଳିକା ଗଣବଳାତ୍କାର ମାମଲା: ୧୮ରେ ଶୁଣାଣି

**ହାଜର ହେବେ ଡିସିପି, ଓଟିଭି ଏମ୍‌ଡି**

**ଭୁବନେଶ୍ୱର,୧୦।୧୧ (ବ୍ୟୁରୋ)**

ଇନଫୋସିଟି ନାବାଳିକା ଗଣବଳାତ୍କାର ମାମଲାର ଶୁଣାଣି ଆସନ୍ତା ୧୮ ତାରିଖରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ହେବ। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଭିତ୍ତିରେ ଶୁଣାଣି କରାଯିବ। ଉକ୍ତ ତାରିଖରେ ହାଜର ହେବାକୁ ଓଟିଭି ଏମ୍‌ଡି ଜଗିମଙ୍ଗତ ପଣ୍ଡାଙ୍କ ସମେତ ଅଭିଯୋଗକାରିଣୀ, କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଅଧିକାରୀ ଏବଂ ଭୁବନେଶ୍ୱର ଡିସିପିଙ୍କୁ ନୋଟିସ ଜାରି କରାଯାଇଛି।

ସୂଚନାଯୋଗ୍ୟ, ଏହି ମାମଲାରେ ଗତ ୫ ତାରିଖରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ଜଗିମଙ୍ଗତ ପକ୍ଷ ରଖିଥିଲେ। ମାମଲା ନାକଚ କରିବାକୁ ସେ ଆବେଦନ କରିଥିଲେ। ପୂର୍ବରୁ ଜଗିମଙ୍ଗତଙ୍କୁ ହାଜର ହେବାକୁ ମହିଳା କମିଶନ ନୋଟିସ କରିଥିଲେ। ମାତ୍ର ସେ କାମ ଥିବା ଦର୍ଶାଇ ବ୍ୟକ୍ତିଗତ ଭାବେ ହାଜର ନ ହୋଇ ନିଜ ପ୍ରତିନିଧିଙ୍କୁ ପଠାଇଥିଲେ। ମାମଲାରୁ ନିଜ ନାମକୁ ବାଦ୍ ଦେବା ଲାଗି ଜଗିମଙ୍ଗତ ନିବେଦନ କରିଥିଲେ। ମାତ୍ର ତାଙ୍କ ନିବେଦନକୁ ମହିଳା କମିଶନ ଖାରଜ କରିଥିଲେ। ଏହାପରେ ସେ ପୁଣି ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ଏ ନେଇ ଆବେଦନ କରିଥିଲେ।

## ୬ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଲଗେଜ୍ ଯାଞ୍ଚ ବେଳେ ଆର୍‌ପିଏଫ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ ବିହାର ପଶ୍ଚିମ ଚମ୍ପାରନ ଜିଲାର ସୁଜିତ ସିଂ। ତାଙ୍କ ନିକଟରୁ ୬କେଜିରୁ ଉର୍ଦ୍ଧ୍ୱ ପରିମାଣର ଗଞ୍ଜେଇ ଜବତ ହୋଇଛି। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଗୋଟିଏ ମାସରେ ସମାନ ପରିମାଣର ଗଞ୍ଜେଇ ୩ ଥର ଚାଲାଣ କରିବା ପରେ ଚତୁର୍ଥ ଥର ବେଳକୁ ଆର୍‌ପିଏଫ ହାତରେ ଧରାପଡ଼ିଥିଲେ। ସୂଚନା ମୁତାବକ, ସୁଜିତ ୮ ତାରିଖରେ କୋରାପୁଟରୁ କାଶୀ ନାମକ ବ୍ୟକ୍ତିଙ୍କଠାରୁ ହୀରାଖଣ୍ଡ ଏକ୍ସପ୍ରେସରେ ଗଞ୍ଜେଇ ଧରି ୯ ତାରିଖ ସକାଳେ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ପୁରୀ ନିୟୁଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସରେ ଗୟାସ୍ଥିତ ନିଜ ଗ୍ରାମକୁ ଯିବାକୁ ବାହାରିଥିଲେ। ଷ୍ଟେଶନରେ ଆରପିଏଫ କର୍ମଚାରୀ ବ୍ୟାଗେଜ ସ୍କାନ କରିବାବେଳେ ସନ୍ଦେହ ହେବାରୁ ଯାଞ୍ଚ କରିଥିଲେ। ମୋବାଇଲ ସହ ୬ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ମିଳିଥିଲା। ଗୋଟିଏ ମାସରେ ସେ ୩ ଥର ଭୁବନେଶ୍ୱର ଷ୍ଟେଶନ ଦେଇ ଗଞ୍ଜେଇ ଚାଲାଣ କରିଥିବା ସ୍ୱୀକାର କରିଥିଲେ। ଗୟାର ମୁନା ଯାଦବଙ୍କୁ ସେ ଗଞ୍ଜେଇ ଯୋଗାଉଥିଲେ। ଏ ନେଇ ଜିଆରପି ଥାନାରେ ୧୦୫/୨୦ରେ ମାମଲା ରୁଜୁ କରାଯାଇଛି।

## ବିଓବିର ରାଜଭାଷା ୱେବିନାର

**ଭୁବନେଶ୍ୱର,୧୦।୧୧**

ବ୍ୟାଙ୍କ ଅଫ୍ ବରୋଦା(ବିଓବି), ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ଓ ୨ ର ମିଳିତ ସହଯୋଗରେ ରାଜଭାଷା ଭର୍ଚୁଆଲ ସେମିନାର ଅନୁଷ୍ଠିତ ହୋଇଯାଇଛି। ନଗର ରାଜଭାଷା କମିଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରାଜଭାଷା ପ୍ରୟୋଗରେ ଚ୍ୟାଲେଞ୍ଜ ଏବଂ ସମାଧାନ ଉପରେ ଆଧାରିତ। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବାଞ୍ଚଳ କ୍ଷେତ୍ରୀୟ କାର୍ଯ୍ୟକାରୀ କମିଟି ଉପନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବିଓବି ପାଟନା ଅଞ୍ଚଳ କାର୍ଯ୍ୟାଳୟର ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ ନିତ୍ୟାନନ୍ଦ ବେହେରା, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ, ବରୋଦାର ସହାୟକ ମହାପ୍ରବନ୍ଧକ ପୁନିତ କୁମାର ମିଶ୍ର, ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଆଲୋକ କୁମାର, କ୍ଷେତ୍ରୀୟ କାର୍ଯ୍ୟାଳୟ-୨ର ମୁଖ୍ୟ ଅନ୍ୱୟ କୁମାର ମିଶ୍ର, କ୍ଷେତ୍ରୀୟ କାର୍ଯ୍ୟାଳୟ-୧ର ଉପକ୍ଷେତ୍ରୀୟ ମୁଖ୍ୟ ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ବ୍ୟାଙ୍କର ଅନ୍ୟ ସମସ୍ତ କର୍ମଚାରୀ ଓ ପାଟନା ଅଞ୍ଚଳ କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ବ୍ୟାଙ୍କ ଅଧିକାରୀ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ, ରାଜଭାଷା ଅମିତ ବ୍ରହ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଟକ ନୟାସଡ଼କ ଅଞ୍ଚଳର ଏକ ଦୋକାନରେ ଜଣେ ବ୍ୟବସାୟୀ ବିକ୍ରି ପାଇଁ ମାଟି ଓ ଟେରାକୋଟାରେ ପ୍ରସ୍ତୁତ ଦୀପକୁ ସଜାଉଛନ୍ତି।

## ଅଟୋ ଭଙ୍ଗାରୁଜା: ୨ ଗିରଫ

**ଭୁବନେଶ୍ୱର,୧୦।୧୧ (ବ୍ୟୁରୋ)**

ବଡ଼ଗଡ ଥାନା ଅନ୍ତର୍ଗତ ମ୍ୟୁଜିୟମ୍ ଛକ ନିକଟରେ ଅଟୋ ଭଙ୍ଗାରୁଜା କରିବା ଓ ଚାଳକଙ୍କୁ ମାଡ ମାରିବା ଅଭିଯୋଗରେ ମଙ୍ଗଳବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ଗଡ ଅଞ୍ଚଳର ଜଗା ଓରଫ୍ ଜଗନ୍ନାଥ ସିଂହ ଓ ଶାନ୍ତନୁ ବେହେରା। ସେମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖରେ ସୀତାରାମ ମଠଠାରେ ଲୋକନାଥ ସାହୁଙ୍କ ଅଟୋ ଛିଡା ହୋଇଥିଲା। ଜଗା ଓ ଶାନ୍ତନୁ ନିଶାସକ୍ତ ଅବସ୍ଥାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଦ୍ୱୟ ଲୋକନାଥଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଅଟୋ ଭାଙ୍ଗି ଦେଇଥିଲେ। ଏ ନେଇ ଲୋକନାଥ ଥାନାରେ ଏତଲା ଦେଇଥିଲେ।

## ସଫେଇ କର୍ମଚାରୀଙ୍କୁ ମିଳିଲା ସେଫ୍‌ଟି କିଟ୍

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

କରୋନା ସମୟରେ ନିଜ କର୍ତ୍ତବ୍ୟ ପରାୟଣତା ଓ ନିଷ୍ଠାପରତା ପାଇଁ ଭୁବନେଶ୍ୱର ମହାନଗର ନିଗମ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ତରଫରୁ ସଫେଇ କର୍ମଚାରୀମାନଙ୍କୁ ସେଫ୍‌ଟି କିଟ୍ ପ୍ରଦାନ କରାଯାଇଛି। ସ୍ମାର୍ଟସିଟି ପ୍ରକଳ୍ପ ଅଧୀନ ୟୁଏନ୍‌ଡିପିର ସୋସିଆଲି ସ୍ମାର୍ଟ ପ୍ରକଳ୍ପ ତତ୍ତ୍ୱାବଧାନରେ ହମାରା ବଚ୍‌ପନ୍-ୟୁନିସେଫ୍ ତରଫରୁ ଏହି କିଟ୍ ଦିଆଯାଇଛି। ବିଏସ୍‌ସିଏଲ୍ ପ୍ରକଳ୍ପ ଅଞ୍ଚଳ ଟାଉନ୍ ସେଣ୍ଟର୍ ଡିଷ୍ଟ୍ରିକ୍ଟର ସଫେଇ କର୍ମଚାରୀଙ୍କୁ ସାବୁନ୍, ଫେସ୍‌ମାସ୍କ, ଗ୍ଲୋବସ୍ ଏବଂ ସାନିଟାଇଜର୍ ଇତ୍ୟାଦି ଦିଆଯାଇଛି। ଏହି ଅବସରରେ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୧ ଏବଂ ମୁଁ ସଫେଇବାଲା କାର୍ଯ୍ୟକ୍ରମ ଅଧୀନରେ ଏକ ପଦଯାତ୍ରା ଶହୀଦ ନଗରସ୍ଥିତ ୱାର୍ଡ଼ ଅଫିସ୍‌ଠାରୁ ବାହାରି ସ୍ମାର୍ଟପାର୍କରେ ସଭାସ୍ଥଳରେ ପହଞ୍ଚିଥିଲା। ବିଏମ୍‌ସି କମିଶନର ଏବଂ ବିଏସ୍‌ସିଏଲ୍‌ର ମୁଖ୍ୟ ପ୍ରେମ୍‌ଚନ୍ଦ୍ର ଚୌଧାରୀ ସଫେଇ କର୍ମଚାରୀଙ୍କୁ କହିଥିଲେ, କରୋନା ଭଳି ବିପତ୍ତି ସମୟରେ ମଧ୍ୟ ଆମ ସଫେଇ କର୍ମଚାରୀମାନେ ହାର୍ ନ ମାନି ନିଜର ଦାୟିତ୍ୱ ତୁଲାଇଛନ୍ତି। ସାନିଟେଶନ୍ ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଥିଲେ, ଭୁବନେଶ୍ୱରକୁ ବିଜ୍ଞାନ ସମ୍ମତ ବର୍ଜ୍ୟ ପରିଚାଳନାରେ ଅଗ୍ରଣୀ କରିବାକୁ ପ୍ରୟାସ ଜାରି ରଖାଯିବ। ବିଏମ୍‌ସି ଅଞ୍ଚଳରେ ଏବେ ୪୩ଟି ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ ସେଣ୍ଟର ଏବଂ ୧୧ଟି ଏମ୍‌ଆର୍‌ଏଫ୍‌ର କାର୍ଯ୍ୟ ଚାଲିଛି। ଏବେଠୁ ଦୁଇଟି ପାତ୍ରରେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ଅଲଗା ରଖି ସଫେଇବାଲାଙ୍କୁ ଦେବା ପାଇଁ ସେ କହିଥିଲେ। ଏକ ସ୍ୱଚ୍ଛରଥ ବୁଲିବା ସହ ସ୍ୱଚ୍ଛସାଥିମାନେ ଘର ଘର ବୁଲି ପ୍ରଚାରପତ୍ର ବାଣ୍ଟିଥିଲେ।

# ବେଆଇନ ଭାବେ ଚାଲିଛି ୨୦ ସ' ମିଲ୍

■ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର

■ଜଙ୍ଗଲ ବିଭାଗ ଚୁପ୍

**ଗୋପ,୧୦।୧୧(ଡି.ଏନ୍.ଏ.)**

ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ୨୦ରୁ ଉର୍ଦ୍ଧ୍ୱ ସ' ମିଲ ଚାଲୁଛି। ଏହାପରେ ଭିଜିଲାନ୍ସ, ବନ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଉଥିଲେ ମଧ୍ୟ କିଛିଦିନ ପରେ ପୁଣି ମିଲ ଖୋଲାଯାଇ କାର୍ଯ୍ୟ ହୋଇଥାଏ। ସୁପ୍ରିମକୋର୍ଟ ସ' ମିଲକୁ ବେଆଇନ ଘୋଷଣା କରିଥିଲେ ମଧ୍ୟ ଗୋପରେ ଖୋଲାଖୋଲି ଉଲ୍ଲଂଘନ କରି ଦିନରାତି ମିଲ ଚାଲୁ ରହିଛି। ଏପରି କି ରାଜ୍ୟ ରାଜପଥ କଡ଼ରେ ଏହି ସବୁ ବେଆଇନ କରତକଳ ଚାଲିବା ଯୋଗୁ ପୁରୀ, କୋଣାର୍କ ଯାଉଥିବା ପର୍ଯ୍ୟଟକଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ଦେଖା ଦେଉଥିବାବେଳେ ରାସ୍ତାରେ ଯାଉଥିବା ଲୋକମାନେ ମଧ୍ୟ କରତକଳ ଗୁଣ୍ଡରେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ବାରମ୍ବାର ଅଭିଯୋଗସତ୍ତ୍ୱେ ଗୋପ ଜଙ୍ଗଲ ବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି।

୧୯୯୯ରେ ସୁପ୍ରିମକୋର୍ଟ ଗ୍ରାମାଞ୍ଚଳରେ ଚାଲୁଥିବା ଏହି କରତକଳଗୁଡ଼ିକୁ ବେଆଇନ ଘୋଷଣା କରି ବିଦ୍ୟୁତ୍ ଲାଇନ୍ କାଟିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଳ୍ପ କିଛିଦିନ ଏହି ନିୟମ ପାଳନ କରିବା ପରେ ମିଲ୍‌ଗୁଡିକ ପୁଣିଥରେ ଚାଲିଥିଲା। ଏପରି ଭାବରେ ଏହି ବେଆଇନ କରତକଳ ଚାଲିବା ଯୋଗୁ ପୋଲିସ ଓ ବନ ଅଧିକାରୀମାନେ ମଧ୍ୟ ହାତଗୁଞ୍ଜା ନେଇ ଚୁପ୍ ରହିଯାଉଥିବା ଅଭିଯୋଗ ହେଉଛି। ଗୋପ ଜଙ୍ଗଲ ବିଭାଗ ଅଧୀନ ଗୋପ, ଜମରା, ଦିଘାଲୋ, ସୁବର୍ଣ୍ଣପୁର, ଶଙ୍ଖାରିଆ, ଚାଉଳିଆପାଟେଣା, ତମ୍ପାଳ, ପଲ୍ଲିଛକ, ନୂଆଗାଁ ସହ ଅନ୍ୟ କେତେକ ସ୍ଥାନରେ ଦିନ ରାତି ସ' ମିଲ ଚାଲୁଛି। ଜଙ୍ଗଲ ବିଭାଗ ପକ୍ଷରୁ ଲୋକ ଦେଖାଣିଆ ଭାବେ ଅଳ୍ପ କିଛି ଚଢ଼ାଉ ହେଉଥିଲେ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅଧିକାଂଶ ସମୟରେ ଚଢ଼ାଉ ପୂର୍ବରୁ ଜଙ୍ଗଲ ବିଭାଗ ପକ୍ଷରୁ ସ ମିଲ ମାଲିକଙ୍କୁ ଖବର ଦିଆଯିବା ଯୋଗୁ ସେମାନେ ରାତିରେ କରତକଳ ଯନ୍ତ୍ରାଂଶ ସବୁ ଖୋଲି ଦେଉଛନ୍ତି। ପରେ ଚଢ଼ାଉ କରିବାକୁ ଯାଇଥିବା ବିଭିନ୍ନ ବିଭାଗର ଅଧିକାରୀ ଓ ପୋଲିସ ମଧ୍ୟ ନିରାଶରେ ଫେରୁଛନ୍ତି। ଏ ସମ୍ପର୍କରେ ଗୋପ ରେଞ୍ଜର ରବୀନ୍ଦ୍ର କୁମାର ନାୟକ କୁହନ୍ତି, ବେଆଇନ କରତକଳ ଚାଲିବା ଖବର ଆମ ପାଖରେ ଅଛି। କିନ୍ତୁ ମାଲିକମାନେ ପୂର୍ବରୁ ଚଢ଼ାଉ ଖବର ପାଇ ଫେରାର ହୋଇଯାଉଛନ୍ତି। ଏଥିପ୍ରତି ଆଗକୁ ଦୃଷ୍ଟିରେ ରଖି ଅଚାନକ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୩ ଆକ୍ରାନ୍ତ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ମଙ୍ଗଳବାର ଗ୍ରାମାଞ୍ଚଳରେ ୧୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୪୦ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିପାଟଣା ବ୍ଲକର ୨, ଭୁବନେଶ୍ୱର ବ୍ଲକ ୨, ଖୋର୍ଦ୍ଧା ବ୍ଲକ ୨, ବୋଲଗଡ଼ ୧, ଚିଲିକା ୧ ଏବଂ ବାଣପୁରର ୫ଜଣ ରହିଛନ୍ତି। ଅନ୍ୟପକ୍ଷେ ମଙ୍ଗଳବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୧୮ରେ ପହଞ୍ଚିଛି। ତନ୍ମଧ୍ୟରୁ ୧୨୬୨୮ଜଣ ସୁସ୍ଥ ହୋଇଥିବା ବେଳେ ୨୩୪ଜଣ ସକ୍ରିୟ ରହିଛନ୍ତି। ୫୬ଜଣଙ୍କର ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

**ସଂକ୍ଷେପରେ**

## ୨ ପଥର ବୋଝେଇ ମିନିଟ୍ରକ୍ ଜବତ

**କଣାସ,୧୦।୧୧(ସ୍ୱ.ପ୍ର.):** ପୁରୀ ଜିଲା କଣାସ ଥାନା ଆଇଆଇସି ତପନ ରାଉତ ମଙ୍ଗଳବାର ଯାଞ୍ଚ କରି ଚୋରାରେ ଯାଉଥିବା ୨ଟି ପଥର ବୋଝେଇ ମିନିଟ୍ରକ୍‌କୁ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ନଂ.୧୮୯/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖବର ଅନୁଯାୟୀ, କଣାସ ବ୍ଲକ ଅଞ୍ଚଳରେ ଥିବା ପଥରଖଣି ଓ ନଦୀବାଲିକୁ ନିଲାମ ନ ନେଇ ମାଫିଆମାନେ ଚୋରାରେ ପଥର ଓ ବାଲି ଟ୍ରକ୍ ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏହି ଘଟଣା ଜିଲାପାଳ ଜାଣିବା ପରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ଏବଂ କଣାସ ଥାନାଧିକାରୀ ରାଉତ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କଣାସ ତହସିଲଦାର ଓ କଣାସ ଥାନାଧିକାରୀ ମିଳିତ ଭାବେ ଗତ୧୫ଦିନ ହେଲା କଣାସର ବିଭିନ୍ନ ରାସ୍ତାରେ ଚୋରାରେ ଯାଉଥିବା ପଥର ଓ ବାଲିବୋଝେଇ ଗାଡ଼ିକୁ ଯାଞ୍ଚ କରିଥିଲେ। ଫଳରେ ସେଥିରୁ ୧୬ଟି ଚୋରାଗାଡିକୁ ଯବତ କରିବା ସହ ୨୨ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଥିବା ଥାନାଧିକାରୀ ରାଉତ କହିଛନ୍ତି।

## ସ୍ୱଚ୍ଛ ସର୍ବେକ୍ଷଣ ନିମନ୍ତେ ପ୍ରଶିକ୍ଷଣ ଶିବିର

**କୋଣାର୍କ,୧୦।୧୧(ଡି.ଏନ୍.ଏ.):** କୋଣାର୍କ ଏନ୍‌ଏସି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏନ୍‌ଏସି ପ୍ରଶିକ୍ଷଣ ଗୃହରେ ସ୍ୱଚ୍ଛ ସର୍ବେକ୍ଷଣ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସ ଯୋଗଦେଇ କୋଣାର୍କକୁ ବିଶ୍ୱ ଦରବାରରେ ସ୍ୱଚ୍ଛ ସହର ଭାବେ ଗଢ଼ିତୋଳିବା ପାଇଁ ଆଗେଇ ଆସିବା ଜରୁରି ବୋଲି ମତବ୍ୟକ୍ତ କରିଥିଲେ। ଫିଡ୍ ବ୍ୟାକ ସଂସ୍ଥାର ଭାରତକାନ୍ତ ଦ୍ୱିବେଦୀ ଶିବିରରେ ଯୋଗ ଦେଇଥିବା ସ୍ୱଚ୍ଛ ସାଥିମାନଙ୍କୁ ସହରକୁ ସଚ୍ଛତା ରଖିବା ଦିଗରେ ଧ୍ୟାନ ଦେବାକୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରିମଳ ବିଶେଷଜ୍ଞ ଅଭିଷେକ ସ୍ୱାଇଁ ଓ ଏନ୍‌ଏସି ଗୋଷ୍ଠୀ ସଂଯୋଜିକା ଶୁଭଲକ୍ଷ୍ମୀ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଣାସରେ ପହଞ୍ଚିଲା ଚିନାବାଦାମ ମଞ୍ଜି

**କଣାସ,୧୦।୧୧(ସ୍ୱ.ପ୍ର.):** କଣାସ ବ୍ଲକ ଅଞ୍ଚଳର ଚାଷୀମାନଙ୍କ ବାରମ୍ବାର ଅଭିଯୋଗ ପରେ ୨ଦିନ ହେବ ସରକାରଙ୍କ ପକ୍ଷରୁ ଚିନାବାଦମ ମଞ୍ଜି ପହଞ୍ଚିଛି। କଣାସରେ ଥିବା ପଞ୍ଚୁପଦ୍ମା ବହୁମୁଖୀ ସମବାୟ ସମିତି ୧୨୬କୁଇଣ୍ଟାଲ ୬୦କେଜି ଚିନାବାଦାମ ବିହନ ଆଣି କୁଇଣ୍ଟାଲ ପିଛା ବିକ୍ରି କରୁଛନ୍ତି। ବ୍ଲକରେ ୩ଟି ସଂସ୍ଥା ସରକାରୀ ଭାବେ ବିହନ ବିକ୍ରି କରିବା ପାଇଁ ମୁଞ୍ଜୁରୀ ପାଇଛନ୍ତି। ସେଥିମଧ୍ୟରୁ ଗୋଟିଏ ସଂସ୍ଥା ଦୁଇଦିନ ହେଲା ଚିନାବାଦାମ ବିହନ ଆଣି ବିକ୍ରି କରୁଥିବା ବେଳେ ଆଉ ଦୁଇଟି ସଂସ୍ଥା ବିହନ ନ ଆଣୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଗୋଟିଏ ସଂସ୍ଥା ଖୋଲା ରହୁଥିବାରୁ ଚିନାବାଦାମ ବିହନ ପାଇଁ ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଭିଡ଼ ହେଉଥିବା ଦେଖିବାକୁ ମିଳୁଛି। କଣାସ କୃଷି କାର୍ଯ୍ୟାଳୟ ପକ୍ଷରୁ ୨୦୦୦କୁଇଣ୍ଟାଲ ଚିନାବାଦାମ ବିହନ ଯୋଗାଇଦେବା ପାଇଁ ବିହନ ନିଗମକୁ କଣାସ କୃଷି ଅଧିକାରୀ ଚିଠି ଲେଖିଥିବା ପ୍ରକାଶ କରିଛନ୍ତି।

# ରଘୁରାଜପୁରରେ ଡିଜାଇନ୍ ଦେଖିଲା ଟିମ୍

**ଶ୍ରୀମନ୍ଦିର ୮ ଦ୍ୱାର ରୁପା ଛାଉଣି ପ୍ରସଙ୍ଗ**

**■ଆସନ୍ତା ୧୯ ବୈଠକରେ ହେବ ଉପସ୍ଥାପନ**

**ପୁରୀ ଅଫିସ, ୧୦।୧୧:** ଶ୍ରୀମନ୍ଦିରର ୮ ଦ୍ୱାର ରୁପା ଛାଉଣି ହେବ। ଜୟ ବିଜୟ, କଳାହାଟ, ବେହେରଣ, ସାତପାହାଚ, ପଶ୍ଚିମ ଭୋଗ ମଣ୍ଡପ, ନୃସିଂହ ମନ୍ଦିର, ମା' ବିମଳା ଏବଂ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭ ଦ୍ୱାରକୁ ରୁପା ଛାଉଣି କରାଯିବ। ସମସ୍ତ ଖର୍ଚ୍ଚ ଜଣେ ଦାତା ବହନ କରିବେ। ଏଥିପାଇଁ ଗଠିତ କମିଟିର ଦ୍ୱିତୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ସେଥିରେ ଆଲୋଚନା ଅନୁଯାୟୀ, ରୁପା ଛାଉଣି ଡିଜାଇନ ନିମନ୍ତେ ମଙ୍ଗଳବାର ୧୦ ଜଣିଆ ଟିମ୍ ଶିଳ୍ପୀ ଗ୍ରାମ ରଘୁରାଜପୁର ଯାଇ ବିଭିନ୍ନ ଚିତ୍ରକଳା ଦେଖିଛନ୍ତି। ବିଭିନ୍ନ ଦ୍ୱାର କବାଟରେ କେଉଁ ପ୍ରକାର ଡିଜାଇନ୍‌ର ରୁପା ଛାଉଣି କରାଯିବ ପରଖିବା ସହ କେତେକ ପଟଚିତ୍ର ସଂଗ୍ରହ କରିଛନ୍ତି। ଏହାପରେ ଟିମ୍ ସଦସ୍ୟ ଶ୍ରୀମନ୍ଦିର ଯାଇ ଦ୍ୱାରଗୁଡ଼ିକୁ



ଶ୍ରୀମନ୍ଦିର ମ୍ୟାନେଜିଂ କମିଟିର ସଦସ୍ୟମାନେ ଡିଜାଇନିଂ ଦେଖୁଛନ୍ତି।

ଦେଖିଛନ୍ତି। ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି କଳିଙ୍ଗ କଳା, ସ୍ଥାପତ୍ୟ ଆଧାରରେ ଡିଜାଇନ ଚୂଡ଼ାନ୍ତ କରାଯିବ ବୋଲି ସୂଚନା ମିଳିଛି।

କମିଟିର ଦ୍ୱିତୀୟ ବୈଠକରେ ରୁପା ଡିଜାଇନ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ତେଣୁ ମଙ୍ଗଳବାର ସ୍ୱତନ୍ତ୍ର ଟିମ୍‌ର ସଦସ୍ୟମାନେ ପଟଚିତ୍ରର ଅନ୍ତୁଡ଼ିଶାଳ କୁହାଯାଉଥିବା ରଘୁରାଜପୁର ଗ୍ରାମକୁ ଯାଇ ବିଭିନ୍ନ ଚିତ୍ରକଳା ଦେଖିବା ସହ କେତେକ ଡିଜାଇନ ସଂଗ୍ରହ କରିଛନ୍ତି। ସେମାନେ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ କଳିଙ୍ଗ କଳା ସ୍ଥାପତ୍ୟକୁ ବହନ କରୁଥିବା ଶତଦଳ ପଦ୍ମ, ଓଲଟା ପଦ୍ମ, ଫୁଟା ପଦ୍ମ, ଅବର୍ଣ୍ଣନୀୟ ପଦ୍ମ ଓ ସହସ୍ରଦଳ ପଦ୍ମର ଡିଜାଇନ ସଂଗ୍ରହ କରିଛନ୍ତି। ଆସନ୍ତା ୧୯ ତାରିଖରେ କମିଟିର ତୃତୀୟ ବୈଠକ ବସିବ। ଏଥିରେ ଏହି ଡିଜାଇନଗୁଡ଼ିକ ଉପସ୍ଥାପନ କରାଯିବା ପରେ ଯାହାକିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ଏହି ଟିମ୍‌ରେ ଶ୍ରୀମନ୍ଦିର ପରିଚାଳନା କମିଟିର ୪ ସଦସ୍ୟ, ୨ ସେବାୟତ ଏବଂ ଦାତାଙ୍କ ପକ୍ଷରୁ ୪ଜଣ ପ୍ରତିନିଧି ସାମିଲ ଥିଲେ। ଉକ୍ତ ଟିମ୍ ଡିଜାଇନ ସଂଗ୍ରହ କରିଥିବାରୁ ପଟଚିତ୍ରଶିଳ୍ପୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

# ୧.୪୬ କୋଟି ଜରିମାନା ଆଦାୟ

**ବେଆଇନ ପଥର ଖଣି, ଖାଦାନରେ ଚଢ଼ାଉ**

**ଖୋର୍ଦ୍ଧା ଅଫିସ,୧୦।୧୧:** ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ବେଆଇନ ଖଣିରେ ଚଢ଼ାଉକୁ ଜୋରଦାର କରାଯାଇଛି। ଖୋର୍ଦ୍ଧା ଉପଖଣ୍ଡରେ ବର୍ତ୍ତମାନ ସୁଦ୍ଧା ୧କୋଟି ୪୬ଲକ୍ଷ ୭୦୪୦ଟଙ୍କା ଜରିମାନା ଆଦାୟ କରାଯାଇଛି। ତନ୍ମଧ୍ୟରୁ ବୋଲଗଡ଼ ତହସିଲ ଅଞ୍ଚଳରୁ ୩ଲକ୍ଷ ୩୨ହଜାର ୫ଶହ ଟଙ୍କା, ଚିଲିକାରୁ ୪ଲକ୍ଷ ୩୮ହଜାର ୭୫୦ଟଙ୍କା, ବାଣପୁର ୮ଲକ୍ଷ ୮୭ହଜାର ୫ଶହ ଟଙ୍କା, ବେଗୁନିଆ ୨୧ଲକ୍ଷ ୫୨ହଜାର ଟଙ୍କା, ଟାଙ୍ଗୀ ଅଞ୍ଚଳରୁ ୨୭ଲକ୍ଷ ୭୯ହଜାର ୨୯୦ଟଙ୍କା ଏବଂ ଖୋର୍ଦ୍ଧା ତହସିଲ ଅଞ୍ଚଳର ୩୮ଲକ୍ଷ ୭୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥି ସହ ଟ୍ରାକ୍ଟର, ଟ୍ରକ୍ ବାଝେଇ ପଥର ଗାଡ଼ି ଜବତ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

ସୂଚନା ଅନୁଯାୟୀ, ଉପଜିଲାପାଳ ବେହୁରିଆଙ୍କ ନେତୃତ୍ୱରେ ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲ ଅଞ୍ଚଳରେ ଚଢ଼ାଉ ଜୋରଦାର କରାଯାଇଛି। ଭୋର ସମୟରେ ତହସିଲ ଟିମ୍ ବିଭିନ୍ନ ଛକରେ ରହି ଚଢ଼ାଉ କରୁଛନ୍ତି। ଫଳରେ ବେଆଇନ ଭାବେ ଚାଲାଣ କରୁଥିବା ମାଫିଆଙ୍କ ମଧ୍ୟରେ ଭାଲେଣି ପଡିଯାଇଛି। ସାଧାରଣରେ ପ୍ରଶାସନର ଏହି କାର୍ଯ୍ୟକୁ ପ୍ରଂଶସା କରାଯାଇଛି।



ରୁପା ଛାଉଣି ହେବାକୁ ଥିବା ପୁରୀ ଶ୍ରୀମନ୍ଦିରର ୮ ଦ୍ୱାର ଯାଞ୍ଚ କରିବା ପାଇଁ ମଙ୍ଗଳବାର ବିଶେଷଜ୍ଞ ଟିମ୍ ଯାଉଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଜିଲାପାଳଙ୍କୁ ଜଣାଇଲା ଯୁବ ସ୍ୱାଭିମାନ ମଞ୍ଚ**

**ପୁରୀ ଅଫିସ,୧୦।୧୧:** ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ ଛଇତନା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରହିଥିବା ଛଇତନା ମେଡିକାଲ ଉପରେ ଛଇତନା, ଇଡିଭୂଆଁ, ବଡ଼ଗାଁ, ଗଡ଼ଭିଙ୍ଗୁରା, ବଣିଆସାହି, ରାଇଗୋରଡ଼ା ପଞ୍ଚାୟତର ୪୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ଆବଶ୍ୟକ ଭିତ୍ତିଭୂମିର ଅଭାବ, ଡାକ୍ତର, କର୍ମଚାରୀ ଓ ଉପରିସ୍ଥ ଅଧିକାରୀଙ୍କ ଉଦାସୀନତା ଯୋଗୁ ସେବା ଠିକ୍ ଭାବେ ମିଳୁନାହିଁ। ଫାଟକ ଭାଙ୍ଗି ଯାଇଥିବାରୁ ଏହା ପରିସର ଗୋରୁଙ୍କ ଚରାଭୂଇଁ ପାଲଟିଛି। ଅନାବନା ଗଛ ଥିବାରୁ ବିଭିନ୍ନ ସରୀସୃପ ଭୟ ରହିଥାଏ। ଆଲୋକ ବ୍ୟବସ୍ଥା ନ ଥିବାରୁ ସଞ୍ଜ ହେଲେ ଅସାମାଜିକ ଓ ନିଶାସକ୍ତ ବ୍ୟକ୍ତିଙ୍କ ଆଡ୍ଡା ଜମେ। ମେଡିକାଲ ସମ୍ମୁଖରେ ସାଇନ୍‌ବୋର୍ଡ ନ ଥିବା ଏବଂ ଉଠାଦୋକାନୀଙ୍କ ଗହଳି ଯୋଗୁ ରୋଗୀମାନେ ହଇରାଣ ହେଉଛନ୍ତି। ତେଣୁ ଭିତ୍ତିଭୂମିର ବିକାଶ, ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କ ନିଯୁକ୍ତି, ଲାବ୍ କାର୍ଯ୍ୟକ୍ଷମ କରିବା, ରୋଗୀଙ୍କ ପାଇଁ ପ୍ରତୀକ୍ଷାଳୟ ଏବଂ ଆଲୋକୀକରଣ ବ୍ୟବସ୍ଥା ପାଇଁ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।



ପୁରୀର ବାଲିସାହି ମଙ୍ଗଳାମୁଣ୍ଡି ଛକରେ ମଙ୍ଗଳବାର ସ୍ୱଚ୍ଛସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବଦଳିଲେ ଦହିଜଙ୍ଗ ହାଇସ୍କୁଲ କ୍ରୀଡ଼ା ଶିକ୍ଷୟିତ୍ରୀ

**ପୁରୀ ଅଫିସ, ୧୦।୧୧:** ନିମାପଡ଼ା ବ୍ଲକ ଅନ୍ତର୍ଗତ ଦହିଜଙ୍ଗ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ସେନାପତିଙ୍କୁ କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ସୋମବାର ଏହି ବଦଳି ଅର୍ଡର ବାହାରିଥିବା ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ସମ୍ପୃକ୍ତା ଶିକ୍ଷୟିତ୍ରୀ ବଦଳି ହେବାକୁ ଚାହୁଁଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଡିଇଓ କହିଛନ୍ତି। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କ୍ରୀଡ଼ା ଶିକ୍ଷୟିତ୍ରୀ ଆଣିଥିବା ଅଭିଯୋଗର ତଦନ୍ତ ହୋଇଛି। ମଙ୍ଗଳବାର ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାଶ ସ୍କୁଲକୁ ଯାଇ କ୍ରୀଡ଼ା ଶିକ୍ଷୟିତ୍ରୀ ଏବଂ ପ୍ରଧାନଶିକ୍ଷକଙ୍କୁ ପୃଥକ୍ ପୃଥକ୍ ଭାବେ ପଚରାଉଚରା କରିଛନ୍ତି। ସେହିପରି ବିଦ୍ୟାଳୟର ୨ଜଣ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଏବଂ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଅତିରିକ୍ତ ଏସ୍‌ପି ତାଙ୍କ ରିପୋର୍ଟ ଏସ୍‌ପିଙ୍କୁ ପ୍ରଦାନ କରିବେ। ଏହାପରେ ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବ।

## ଯୁବତୀଙ୍କୁ ବଳାତ୍କାର: ଛାତ୍ର ଗିରଫ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)** ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଛାତ୍ର ପପୁନ ସାମଲ(୨୬)ଙ୍କୁ ଗିରଫ କରିଛି। ତାଙ୍କ ଘର ଅନୁଗୋଳ ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ନିକଟ ଗଙ୍ଗପଡାରେ ରହି ଏକ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ପଢୁଥିଲେ। ଇନ୍‌ଫୋସିଟି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପପୁନ ପ୍ରେମଜାଲରେ ଫସାଇଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏହାପରେ ପପୁନ ନିଜର ଫୋନ୍ ନମ୍ବର ବଦଳାଇବା ସହ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ସମ୍ପୃକ୍ତା ଯୁବତୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୧/୨୦) ରୁଜୁକରିଥିଲା।

# ବିବାହରେ ୧୦୦, ଅନ୍ତିମ ସଂସ୍କାରରେ ୫୦

**ବିଏମ୍‌ସିର ନୂଆ ଗାଇଡ୍‌ଲାଇନ**

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ):** ଶୀତଋତୁରେ କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବିବାହ କାର୍ଯ୍ୟକ୍ରମ ଓ ଅନ୍ତିମ ସଂସ୍କାର ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ବିବାହ କାର୍ଯ୍ୟକ୍ରମ ପାଇଁ ୧୦୦ ଓ ଅନ୍ତିମ ସଂସ୍କାର ପାଇଁ ୫୦ଜଣ ଲୋକଙ୍କୁ ଅନୁମତି ମିଳିବ। ଯେଉଁ କାର୍ଯ୍ୟକ୍ରମ କରିବେ ସେଥିପାଇଁ ନିକଟସ୍ଥ ଥାନା କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ଆବଶ୍ୟକ। ବିବାହରେ ବରଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବୟସ୍କ ବ୍ୟକ୍ତି, ଗର୍ଭବତୀ କିମ୍ବା ୧୦ବର୍ଷରୁ କମ୍ ପିଲା ସେହି କାର୍ଯ୍ୟକ୍ରମକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମ ସ୍ଥଳୀର ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂର ବ୍ୟବସ୍ଥା କରାଯିବା, ହଲ୍‌ରେ ସାମାଜିକ ଦୂରତା ବଜାୟ ରଖିବା, ସମସ୍ତଙ୍କ ପାଇଁ ମାସ୍କ ପିନ୍ଧିବା ଭଳି ଅନେକ ନିର୍ଦ୍ଦେଶ ରହିଛି। ଯଦି ଏହି ନିୟମର କେହି ଖିଲାପ କରନ୍ତି, ତେବେ ଆୟୋଜକ ଓ ମଣ୍ଡପ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ନିର୍ଦ୍ଦେଶନାମା ଆସନ୍ତା ୨୫ତାରିଖରୁ କାର୍ଯ୍ୟକାରୀ ହେବ। ପୋଲିସ ଏବଂ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏ ଦିଗରେ କଡ଼ା ନଜର ରଖିବା ପାଇଁ କୁହାଯାଇଛି।

## ପୁରୀ: ୨୯ ପଜିଟିଭ ଚିହ୍ନଟ

**ପୁରୀ ଅଫିସ, ୧୦।୧୧:** ପୁରୀ ଜିଲାରୁ ମଙ୍ଗଳବାର ୨୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୩ ଓ ବିଭିନ୍ନ ବ୍ଲକରୁ ୨୬ ଜଣ ରହିଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ସଂକ୍ରମିତ ସଂଖ୍ୟା ୧୩,୦୫୦ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୨,୪୭୧ ଜଣ ସୁସ୍ଥ ହୋଇଥିବାବେଳେ ୪୮୯ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ଏ ପର୍ଯ୍ୟନ୍ତ କରୋନାରେ ୮୭ ଜଣଙ୍କ ଜୀବନ ଗଲାଣି। ସେହିପରି ଜିଲାରୁ ୧,୪୩,୯୭୨ କୋଭିଡ୍ ଟେଷ୍ଟ କରାଯାଇଛି। ସୁସ୍ଥ ହାର ୯୫.୫୬ ପ୍ରତିଶତ ରହିଛି।

## ରୁକ୍ମିଣୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ ଅଫିସ, ୧୦।୧୧:** ସ୍ଥାନୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସୋମବାର ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ପୌରୋହିତ୍ୟ କରିଥିଲେ। ସାମାଜିକ କର୍ମୀ ଡ. ଭଗବାନ ନାୟକ, ଡ. ବନଲତା ଦେବୀ, ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ସମ୍ପାଦକ ନିରଞ୍ଜନ ଭୋଇ, ନିରାକାର ବେଉରା, ମମତା ପ୍ରଧାନ, ତପସ୍ୱିନୀ ଜେନା, ସରୋଜିନୀ ପ୍ରଧାନ, ସୁଲୋଚନା ପ୍ରଧାନ, ସରୋଜ ପ୍ରଧାନ ପ୍ରମୁଖ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗୁରୁମାମାନେ ନିଷ୍ଠାର ସହ ଆଗକୁ କାମ କରିବାକୁ ସଂକଳ୍ପ ନେଇଥିଲେ।

## ପ୍ରୋଜେକ୍ଟ ଇନ୍‌ଚାର୍ଜ ଅନିରୁଦ୍ଧଙ୍କୁ ଗିରଫ ପରେ ଜାମିନ

**ସାରୁଅ ଜମି ବିବାଦ ପ୍ରସଙ୍ଗ**

**ଖୋର୍ଦ୍ଧା ଅଫିସ,୧୦।୧୧:** ଖୋର୍ଦ୍ଧା ସାରୁଅସ୍ଥିତ ଓଟିଭି ଷ୍ଟୁଡିଓର ପ୍ରୋଜେକ୍ଟ ଇନ୍‌ଚାର୍ଜ ଅନିରୁଦ୍ଧ ପଣ୍ଡାଙ୍କୁ ମଙ୍ଗଳବାର ବାଘମାରୀ ପୋଲିସ ଗିରଫ କରିଛି। ଦଳିତ ଲୋକଙ୍କୁ ଜାତିଆଣ ଆକ୍ଷେପ, ଧମକ, ବେଆଇନ ଭାବେ ଜମି ହଡ଼ପ, ପୋଖରୀ ଓ ଚାଷ ଜମି ରାସ୍ତା ଅବରୋଧ ଏବଂ ତଦନ୍ତରେ ଅସହଯୋଗ ନେଇ ତାଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷେ କୋଭିଡ୍ ଟେଷ୍ଟ, ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅନିରୁଦ୍ଧଙ୍କୁ କୋର୍ଟଚାଲାଣ କରାଯାଇଥିଲା। ପରେ ଖୋର୍ଦ୍ଧା ଏଡିଜେ-୨ଙ୍କ କୋର୍ଟ ତାଙ୍କ ଜାମିନ ମଞ୍ଜୁର କରିଥିଲେ। ସୂଚନା ଅନୁଯାୟୀ, ସାରୁଅ ମୌଜାରେ ବେଆଇନ ଭାବେ ଓଟିଭି କର୍ତ୍ତୃପକ୍ଷ ଜମି କବ୍‌ଜା କରି ରଖିଥିବା ନେଇ ଅକ୍ଟୋବର ୫ରେ ସାରୁଅ ଏବଂ ଲୋକନାଥପୁର ଗ୍ରାମର ଶତାଧିକ ଦଳିତ ପରିବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଦଫା ୪୪୭, ୫୦୬, ୩୪ରେ ଏକ ମାମଲା (ନଂ.୮୨/୨୦)ରୁଜୁ ହୋଇଥିଲା। ଏହାର ତଦନ୍ତ ଦାୟିତ୍ୱ ଏସ୍‌ପି ସ୍ୱାଇଁ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କୁ ଦେଇଥିଲେ। ଏସ୍‌ଡିପିଓ ମିଶ୍ର ବିବାଦୀୟ ଜମି, ପୋଖରୀ ପାଚେରି ବୁଲି ଦେଖିବା ସହ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରିଥିଲେ। ପରେ ଏସ୍‌ଡିପିଓ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଓଟିଭି ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ସାରୁଅ ଜମିଜମା ରେକର୍ଡପତ୍ର ଯାଞ୍ଚ କରିଥିଲେ। ପରବର୍ତ୍ତୀ ସମୟରେ ଓଟିଭିର ତିନି ଜଣ କର୍ମଚାରୀଙ୍କୁ ବାଘମାରୀ ଥାନାରେ ଜେରା କରିଥିଲେ। ଉକ୍ତ ସମୟରେ ତଦନ୍ତରେ ସହଯୋଗ ଲାଗି ଅନିରୁଦ୍ଧଙ୍କୁ ପୋଲିସ ତାଗିଦ କରିଥିଲା। ଏହା ସତ୍ତ୍ୱେ ଅନିରୁଦ୍ଧ ତଦନ୍ତରେ ସହଯୋଗ କରି ନ ଥିଲେ। ସୋମବାର ବିଳମ୍ବିତ ରାତିରେ ବାଘମାରୀ ପୋଲିସ ତାଙ୍କୁ ଷ୍ଟୁଡିଓରୁ ଉଠାଇ ଆଣି ଥାନାରେ ଜେରା କରିଥିଲା।

# ଚନ୍ଦ୍ରଭାଗାରୁ ପୁରୀ ସମୁଦ୍ରପଥରେ ସଚେତନତା

**କୋଣାର୍କ,୧୦।୧୧(ଡି.ଏନ୍.ଏ.):** ପ୍ଲାଷ୍ଟିକ ମୁକ୍ତ ବଙ୍ଗୋପସାଗର ସଚେତନତା ବାର୍ତ୍ତା ନେଇ ଚନ୍ଦ୍ରଭାଗାରୁ ପୁରୀ ଅଭିମୁଖେ ସମୁଦ୍ର ପଥରେ ଯାତ୍ରା କରି ଗୌରବ ଆଣିଛନ୍ତି କଳିଙ୍ଗ ସର୍ଫ ଲାଇଫ୍ ସୋସାଇଟି ପ୍ରତିଷ୍ଠାତା ତଥା ସର୍ଫର ହରି ରାଓ। ଏହି କାର୍ଯ୍ୟରେ ତାଙ୍କର ୨ ସାଥୀ କାୟାକିଂଗ ଏକ୍ସପର୍ଟ ସ୍ୱାତିକ ବୋଷ, କଳିଙ୍ଗ ସର୍ଫ ସୋସାଇଟିର ଟୁକୁ ମାଣି ସହଯୋଗ କରିଥିଲେ। ସମୁଦ୍ର ପଥରେ ଏଭଳି ସଚେତନତା ଓଡ଼ିଶା ପାଇଁ ପ୍ରଥମ। ଦୃଢ଼ ଇଚ୍ଛା ଶକ୍ତି ହିଁ ସମୁଦ୍ର ଯାତ୍ରାର ପ୍ରେରଣା ଯୋଗାଇଥିଲା ଏହି ତିନି ସାଥୀଙ୍କୁ। ଚନ୍ଦ୍ରଭାଗା ବେଳାଭୂମିରୁ ହରି ଓ ଦୁଇ ସାଥୀ ପ୍ରଥମେ ନିଜର ଷ୍ଟାଣ୍ଡ ଅପ୍ ପ୍ୟାଡାଲକୁ ପ୍ରସ୍ତୁତ କରିଥିଲେ। ସାଙ୍ଗରେ ସ୍ମାର୍ଟଫୋନ, ଶୁଖିଲା ଖାଦ୍ୟ, ପାଣି ବୋତଲ ଓ ଜରୁରୀ ଜିନିଷପତ୍ର ଧରି ସେମାନେ ଲାଇଫ ଜ୍ୟାକେଟ ଲଗାଇ ସମୁଦ୍ରରେ ଯାତ୍ରା ଆରମ୍ଭ କରିଥିଲେ। ଦିନ ୨ଟାରେ ପୁରୀ ସମୁଦ୍ର କୂଳରେ ପହଞ୍ଚିଥିଲେ। ଶୀତ ଋତୁରେ ପ୍ଲାଷ୍ଟିକ ପ୍ରଦୂଷଣ ମେରାଇନ ଜୀବନକୁ ବହୁତ କ୍ଷତି ପହଞ୍ଚାଇଥାଏ। ବିଭିନ୍ନ ସଂଗଠନ ଓ ସରକାର ପ୍ଲାଷ୍ଟିକକୁ ବ୍ୟାନ କରିବା ସହ ବେଳାଭୂମି ସଫେଇ ଆଦି କାର୍ଯ୍ୟକ୍ରମ କରି ସଚେତନତା ସୃଷ୍ଟି କରିବା ଆବଶ୍ୟକ ରହିଛି। ଏହି କାର୍ଯ୍ୟକ୍ରମ ସଫଳ ହେଲେ ଆସନ୍ତା ୧୫ଦିନ ଭିତରେ ୪୦ଜଣଙ୍କୁ ନେଇ ଯାତ୍ରା କରିବୁ ବୋଲି କହିଛନ୍ତି ସର୍ଫର ହରି।



ପୁରୀ ଅଭିମୁଖେ ଯିବା ପାଇଁ ୩ଜଣ ଚନ୍ଦ୍ରଭାଗା ବେଳାଭୂମିରେ ଅଛନ୍ତି।

# ବେଆଇନ ଭାବେ ଚାଲିଛି ୨୦ ସ' ମିଲ୍

**■ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର**

**■ଜଙ୍ଗଲ ବିଭାଗ ଚୁପ୍**

**ଗୋପ,୧୦।୧୧(ଡି.ଏନ୍.ଏ.)** ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ୨୦ରୁ ଊର୍ଦ୍ଧ୍ୱ ସ' ମିଲ ଚାଲୁଛି। ଏହାପରେ ଭିଜିଲାନ୍ସ, ବନ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଉଥିଲେ ମଧ୍ୟ କିଛିଦିନ ପରେ ପୁଣି ମିଲ ଖୋଲାଯାଇ କାର୍ଯ୍ୟ ହୋଇଥାଏ। ସୁପ୍ରିମକୋର୍ଟ ସ' ମିଲକୁ ବେଆଇନ ଘୋଷଣା କରିଥିଲେ ମଧ୍ୟ ଗୋପରେ ଖୋଲାଖୋଲି ଉଲ୍ଲଂଘନ କରି ଦିନରାତି ମିଲ ଚାଲୁ ରହିଛି। ଏପରି କି ରାଜ୍ୟ ରାଜପଥ କଡ଼ରେ ଏହି ସବୁ ବେଆଇନ କରତକଳ ଚାଲିବା ଯୋଗୁ ପୁରୀ, କୋଣାର୍କ ଯାଉଥିବା ପର୍ଯ୍ୟଟକଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ଦେଖା ଦେଉଥିବାବେଳେ ରାସ୍ତାରେ ଯାଉଥିବା ଲୋକମାନେ ମଧ୍ୟ କରତକଳ ଗୁଣ୍ଡରେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ବାରମ୍ବାର ଅଭିଯୋଗସତ୍ତ୍ୱେ ଗୋପ ଜଙ୍ଗଲ ବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି।

୧୯୯୯ରେ ସୁପ୍ରିମକୋର୍ଟ ଗ୍ରାମାଞ୍ଚଳରେ ଚାଲୁଥିବା ଏହି କରତକଳଗୁଡ଼ିକୁ ବେଆଇନ ଘୋଷଣା କରି ବିଦ୍ୟୁତ୍ ଲାଇନ୍ କାଟିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଳ୍ପ କିଛିଦିନ ଏହି ନିୟମ ପାଳନ କରିବା ପରେ ମିଲ୍‌ଗୁଡିକ ପୁଣିଥରେ ଚାଲିଥିଲା। ଏପରି ଭାବରେ ଏହି ବେଆଇନ କରତକଳ ଚାଲିବା ଯୋଗୁ ପୋଲିସ ଓ ବନ ଅଧିକାରୀମାନେ ମଧ୍ୟ ହାତଗୁଞ୍ଜା ନେଇ ଚୁପ୍ ରହିଯାଉଥିବା ଅଭିଯୋଗ ହେଉଛି। ଗୋପ ଜଙ୍ଗଲ ବିଭାଗ ଅଧୀନ ଗୋପ, ଜମରା, ଦିଘାଳୋ, ସୁବର୍ଣ୍ଣପୁର, ଶଙ୍ଖାରିଆ, ଚାଉଳିଆପାଟେଣା, ତମ୍ପାଳ, ପଲ୍ଲିଛକ, ନୂଆଗାଁ ସହ ଅନ୍ୟ କେତେକ ସ୍ଥାନରେ ଦିନ ରାତି ସ' ମିଲ ଚାଲୁଛି। ଜଙ୍ଗଲ ବିଭାଗ ପକ୍ଷରୁ ଲୋକ ଦେଖାଣିଆ ଭାବେ ଅଳ୍ପ କିଛି ଚଢ଼ାଉ ହେଉଥିଲେ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅଧିକାଂଶ ସମୟରେ ଚଢ଼ାଉ ପୂର୍ବରୁ ଜଙ୍ଗଲ ବିଭାଗ ପକ୍ଷରୁ ସ ମିଲ ମାଲିକଙ୍କୁ ଖବର ଦିଆଯିବା ଯୋଗୁ ସେମାନେ ରାତିରେ କରତକଳ ଯନ୍ତ୍ରାଂଶ ସବୁ ଖୋଲି ଦେଉଛନ୍ତି। ପରେ ଚଢ଼ାଉ କରିବାକୁ ଯାଇଥିବା ବିଭିନ୍ନ ବିଭାଗର ଅଧିକାରୀ ଓ ପୋଲିସ ମଧ୍ୟ ନିରାଶରେ ଫେରୁଛନ୍ତି। ଏ ସମ୍ପର୍କରେ ଗୋପ ରେଞ୍ଜର ରବୀନ୍ଦ୍ର କୁମାର ନାୟକ କୁହନ୍ତି, ବେଆଇନ କରତକଳ ଚାଲିବା ଖବର ଆମ ପାଖରେ ଅଛି। କିନ୍ତୁ ମାଲିକମାନେ ପୂର୍ବରୁ ଚଢ଼ାଉ ଖବର ପାଇ ଫେରାର ହୋଇଯାଉଛନ୍ତି। ଏଥିପ୍ରତି ଆଗକୁ ଦୃଷ୍ଟିରେ ରଖି ଅଚାନକ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

